## ଶିଶୁକୁ ଯୌନ ନିର୍ଯାତନା, ଜେଲ ଗଲେ ଯୁବକ

ମହାକାଳପଡା,(ଡି.ଏନ.ଏ.): କେନ୍ଦ୍ରାପଡା ଜିଲା ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ଗ୍ରାମର ରବୀନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ଜଣେ ୫ବର୍ଷ ଶିଶୁପୁତ୍ରକୁ ଯୌନ ନିର୍ଯାତନା ଦେଇଥିବା ଗତ ୧୪ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି, କେସ ନଂ. ୨୮/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

### ଆଜି କ'ଣ କେଉଁଠି

ଧର୍ମଶାଳା
- ଅଷ୍ଟପ୍ରହର ନାମଯଜ୍ଞ, ପଳାଶବୁଢ଼ୀ ଠାକୁରାଣୀ ପୀଠ

### ସଂକ୍ଷେପରେ

## ୪ କଳାପଥର ବୋଝେଇ ଟ୍ରକ୍ ଜବତ

ଚଣ୍ଡିଖୋଲ/ଛତିଆ,୨୪।୨(ଡି.ଏନ.ଏ.): ବୈରୀ ଡାଲିଯୋଡ଼ାରେଞ୍ଜ ଓ କଟକ ବନ ବିଭାଗ ଭିଜିଲାନ୍ସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଜାତୀୟ ରାଜପଥ ୧୬ନଂ ଓ ୫୩ ନଂରୁ ୪ ମୋରମ୍ ଓ କଳାପଥର ବୋଝେଇ ଟ୍ରକ୍ ଜବତ କରାଯାଇଛି। ମଙ୍ଗଳବାର ଭିଜିଲାନ୍ସ ରେଞ୍ଜର ରଜନୀ ମହାନ୍ତି ଓ ଡାଲିଯୋଡା ବନାଞ୍ଚଳ ଅଧିକାରୀ ଅଭିରାମ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଇଥିଲା। ଏହି ସମୟରେ ୩ କଳାପଥର ବୋଝେଇ ଟ୍ରକ୍ ଓ ଗୋଟିଏ ମୋରମ୍ ବୋଝେଇ ଟ୍ରକ୍ ଯାଉଥିବାବେଳେ ଚଢ଼ାଉ କରାଯାଇ ସେଗୁଡ଼ିକୁ ଜବତ କରାଯାଇଥିଲା। ଜବତ ଗାଡ଼ିଗୁଡିକୁ ବୈରୀ ସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇ ତଦନ୍ତ ଜାରି ରହିଛି। ଚଢ଼ାଉରେ ବନାଞ୍ଚଳ ଅଧିକାରୀ ଶଶିକାନ୍ତ ବେହେରା, ସରୋଜକାନ୍ତ ମହାପାତ୍ର ସାମିଲ ଥିଲେ। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଅଭିରାମ ଜେନା ପ୍ରକାଶ କରିଛନ୍ତି।

## ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ପୋଷ୍ଟ ଉଦ୍‌ଘାଟିତ

ଚଣ୍ଡିଖୋଲ,୨୪।୨(ଡି.ଏନ.ଏ.): ୩ଟି ଜାତୀୟ ରାଜପଥର ମିଳନସ୍ଥଳ ଭାବେ ପରିଚିତ ଚଣ୍ଡିଖୋଲ ଛକରେ ମଙ୍ଗଳବାର ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ପୋଷ୍ଟ ଉଦ୍‌ଘାଟିତ ହୋଇଛି। ଚଣ୍ଡିଖୋଲ ଟ୍ରାଫିକ୍ ଥାନା ଅଧିକାରୀ ବିଜୟନୀ ମଲ୍ଲ ସୁଇଟ୍ ଟିପି ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ୨୦୧୧ରେ ପ୍ରଥମ ଟ୍ରାଫିକ୍ ଥାନା ପ୍ରତିଷ୍ଠା କରାଯାଇଥିଲା। ଯାଜପୁର ଜିଲାରେ ଏକ ମାତ୍ର ଟ୍ରାଫିକ୍ ଥାନା ଭାବେ ଚଣ୍ଡିଖୋଲ ରହିଥିଲା ବେଳେ ୨୦୧୧ରୁ ୨୦୧୭ ପର୍ଯ୍ୟନ୍ତ ଏହା ଭଡ଼ା ଘରେ ଚାଲୁଥିଲା। ୨୦୧୭ରେ ନିଜସ୍ୱ ଗୃହ ତିଆରି ହୋଇ ଟ୍ରାଫିକ୍ ଥାନା ଆସିବା ପରେ ଚଣ୍ଡିଖୋଲ ଛକରେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ପୋଷ୍ଟ ଲଗାଯିବ ବୋଲି ବହୁଥର ଘୋଷଣା ହୋଇଥିଲା।

## ଚିଙ୍ଗୁଡି ଘେରି ଉଚ୍ଛେଦ ଦାବି ଜୋରଦାର

ରାଜନଗର,୨୪।୨(ଡି.ଏନ.ଏ.): ରାବଣେଶ୍ୱର ଗାଁ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ପାନୀୟ ଜଳ ମିଳୁ ନ ଥିବା ବେଳେ ଗାଁ ନିକଟରେ ଚିଙ୍ଗୁଡି ଘେରି ଖୋଲାଯାଉଛି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟର ଅଳ୍ପ କେତେ ହାତ ଦୂରରେ ବେଆଇନ ଚିଙ୍ଗୁଡି ଘେରି ଖୋଲା ଯାଉଛି। ପୂର୍ବରୁ ଥିବା ଚିଙ୍ଗୁଡି ଘେରିରୁ ଲୁଣି ପାଣି ଓ ଔଷଧ ମିଶା ପାଣି ନଦୀକୁ ଛଡାଯାଉଛି। ଏଥିପାଇଁ ଗ୍ରାମବାସୀ ଚର୍ମ, ପେଟ ଓ ଚକ୍ଷୁରୋଗରେ ପୀଡିତ ହେଉଛନ୍ତି। ଖୋଲାଯାଉଥିବା ଚିଙ୍ଗୁଡି ଘେରି ବନ୍ଦ କରିବାକୁ ରାବଣେଶ୍ୱରଗାଁର କେଶବ ଜେନା, ଚନ୍ଦ୍ରମଣି ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ବସନ୍ତ ଜେନା ପ୍ରମୁଖ କେନ୍ଦ୍ରାପଡା ଜିଲାପାଳ ଓ ଡିଏଫ୍ଓଙ୍କୁ ଭେଟି ଆଲୋଚନା କରିଛନ୍ତି।

## ରାସ୍ତାକୁ ଓହ୍ଲାଇବ ନବ ନିର୍ମାଣ କୃଷକ ସଙ୍ଗଠନ

ଖଣ୍ଡପଡ଼ା,୨୪।୨(ସ୍ୱ.ପ୍ର.): ନୟାଗଡ ଜିଲାର ବିଭିନ୍ନ ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଅଣଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ଚାଷୀ ଟୋକନ ଧରି ବସିଥିବା ବେଳେ ଟାର୍ଗେଟ ଶେଷ ହୋଇଯାଇଛି ବୋଲି ମଣ୍ଡି କର୍ତ୍ତୃପକ୍ଷ କହୁଛନ୍ତି। ଦଲାଲ ଓ ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ଅଭାବୀ ଧାନବିକ୍ରୀର ଶିକାର ହେଉଛନ୍ତି। ଉପରୋକ୍ତ ସମସ୍ୟା ସମାଧାନ ନ ହେଲେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ବୁଧବାର ଖଣ୍ଡପଡାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା କହିଛନ୍ତି। ସଙ୍ଗଠନ ଜିଲା ସହ ସଂଯୋଜିକା ମମତା ନାଥ, ସହ ସଂଯୋଜକ ରଣଜିତ ଦଳବେହେରା, ଖଣ୍ଡପଡା ନଗର ସଂଯୋଜକ ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଜିଲା ପ୍ରଶାସନକୁ ଦୋଷାରୋପ କରିଛନ୍ତି। ୭ଦିନ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଟୋକନଧାରୀ ଚାଷୀଙ୍କଠାରୁ ଧାନ କିଣା ନ ଗଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

# ଖାଲି ପଡ଼ିଛି ୪୦ ଡାକ୍ତର ପଦବୀ

**ଯାଜପୁର ମୁଖ୍ୟ ଚିକିତ୍ସାଳୟ**
- ଦୀର୍ଘଦିନ ହେବ ଲିଫ୍ଟ ଅଚଳ, ଲୋକେ ହୀନସ୍ତା
- ଅତ୍ୟାବଶ୍ୟକ ସେବା ପାଇବାରୁ ବଞ୍ଚିତ ରୋଗୀ

ଯାଜପୁର ଟାଉନ,୨୪।୨(ଡି.ଏନ.ଏ.)

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ଯୋଗୁ ରୋଗୀଙ୍କୁ ଠିକ୍‌ରେ ସେବା ମିଳି ପାରୁନାହିଁ। ଦିନକୁ ଦିନ ଏହି ଚିକିତ୍ସାଳୟରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ହେଲେ ଡାକ୍ତର ନ ଥିବାରୁ ଅନେକ ସମୟରେ ରୋଗୀଙ୍କ ଜୀବନ ଯାଉଛି। ଗୁରୁତର ରୋଗୀଙ୍କୁ ଚିକିତ୍ସା କରା ନ ଯାଇ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଉଛି। ଏହି ଚିକିତ୍ସାଳୟରେ ମୋଟ୍ ୬୪ଜଣ ଡାକ୍ତର ରହିବା କଥା। କିନ୍ତୁ ୨୪ ଜଣ ଡାକ୍ତର କାର୍ଯ୍ୟ କରୁଥିବାବେଳେ ୪୦ଟି ପଦବୀ ଖାଲି ପଡିଛି। କେବଳ ଡାକ୍ତର ଅଭାବ ନୁହେଁ, ଚିକିତ୍ସାଳୟରେ ଅତ୍ୟାବଶ୍ୟକ ପରୀକ୍ଷା ମଧ୍ୟ ହୋଇପାରୁନାହିଁ। ମୁଖ୍ୟ ଚିକିତ୍ସାଳୟକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମେଡିକାଲ କଲେଜର ମାନ୍ୟତା ମିଳିଛି। ଏଥିପାଇଁ ନୂତନ କ୍ୟାମ୍ପସ ସହିତ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶର କାର୍ଯ୍ୟ ଆରମ୍ଭ ହୋଇଗଲାଣି। ହେଲେ ଡାକ୍ତର ପଦବୀ ପୂରଣ ଉପରେ ଗୁରୁତ୍ୱ ଦିଆଯାଇନାହିଁ। ଏହି ଚିକିତ୍ସାଳୟ ଉପରେ ଯାଜପୁର ସମେତ ଭଦ୍ରକ, କେନ୍ଦ୍ରାପଡ଼ା ଜିଲାର ଅନେକ ଅଞ୍ଚଳ ଲୋକେ ନିର୍ଭର କରିଥାନ୍ତି। କିନ୍ତୁ କ୍ରମାଗତ ଭାବେ ଡାକ୍ତର ସମସ୍ୟା ଲାଗିରହିଥିବାରୁ ରୋଗୀସେବାରେ କୌଣସି ଉନ୍ନତି ହୋଇ ପାରୁନାହିଁ। ମେଡିସିନ୍ (ଭେଷଜବିଭାଗ)ରେ ଲାଗିରହିଥିବା ଲିଫ୍ଟଟି ଦୀର୍ଘଦିନ ଧରି ଅଚଳ ହୋଇପଡିଥିଲେ ମଧ୍ୟ ମରାମତି କରାଯାଇନାହିଁ। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାନା ହଇରାଣ ହରକତ ହେଉଛନ୍ତି। ପ୍ରତ୍ୟେକ ଦିନ ଶହଶହ ରୋଗୀ ଚିକିତ୍ସାଳୟକୁ ଆସୁଥିବାବେଳେ ସ୍ଥାନୀୟ ଦଲାଲଙ୍କ ଦ୍ୱାରା ପ୍ରଭାବିତ ହୋଇ ଘରୋଇ ଚିକିତ୍ସାଳୟକୁ ଯାଉଛନ୍ତି।

ଏହି ଚିକିତ୍ସାଳୟରେ ସମସ୍ତ ପରୀକ୍ଷାର ସୁବିଧା ଥିଲେ ମଧ୍ୟ ଦଲାଲ ଏଠାରୁ ରୋଗୀଙ୍କୁ ନେଇ ଘରୋଇ ପାଥୋଲୋଜିରେ ପରୀକ୍ଷା କରାଉଥିବା ଜଣାପଡିଛି। ଏହି ଡାକ୍ତରଖାନାରେ ଏ ପର୍ଯ୍ୟନ୍ତ ସିଟି ସ୍କାନ୍ କରାଯାଇପାରିନାହିଁ। ତେଣୁ ତୁରନ୍ତ ଏସବୁ ସମସ୍ୟାର ସମାଧାନ କରିବା ପାଇଁ ଦାବି ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ କହିଛନ୍ତି, ଯାଜପୁରରେ ମେଡିକାଲ କଲେଜ ପାଇଁ କାମ ଆରମ୍ଭ ହେଲାଣି। ହେଲେ ଦୀର୍ଘଦିନ ଧରି ଲଫ୍ଟ ଅଚଳ ସହ ଡାକ୍ତର ଅଭାବ ଥିଲେ ମଧ୍ୟ ଏ ଦିଗରେ ଗୁରୁତ୍ୱ ଦିଆଯାଉନାହିଁ। ଆଗାମୀ ଦିନରେ ଡାକ୍ତର ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ କହିଛନ୍ତି, ଡାକ୍ତର ଅଭାବ ସମସ୍ୟା ସାରା ରାଜ୍ୟରେ ରହିଛି। ଲିଫ୍ଟ ସମସ୍ୟା ପାଇଁ ଟେଣ୍ଡର ସରିଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ କରାଯିବ। ତେବେ ଚଳିତ ବର୍ଷ ସିଟି ସ୍କାନ୍ କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ଅନୁମୋଦନ ହେଲେ ସିଟି ସ୍କାନ ବ୍ୟବସ୍ଥା କରାଯିବ।



ଜିଲା ମୁଖ୍ୟ ଚିକିତ୍ସାଳୟ।

## ରାଜେଶଙ୍କ ଚିକିତ୍ସାରେ ଅର୍ଥ ବାଧକ

ବରୀ,୨୪।୨(ଡି.ଏନ.ଏ.)

ବରୀ ବ୍ଲକ ଅରଙ୍ଗାବାଦ ପଞ୍ଚାୟତ ରଜାପୁର ଗ୍ରାମର ରାଜେଶ ପାଗଳ(୬)ଙ୍କ ଚିକିତ୍ସାରେ ଅର୍ଥବାଧକ ସାଜିଛି। ରାଜେଶଙ୍କ ପରିବାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କ ମା'ଙ୍କ ସହ ସେ ବାଲିବିଲସ୍ଥିତ ଅଜା ନାରାୟଣ ଦଣ୍ଡପାଟଙ୍କ ଘରେ ରହୁଥିଲେ। ଅଜା ଦିନ ମଜଦୁରିଆ କାର୍ଯ୍ୟ କରୁଥିବାରୁ ଚିକିତ୍ସା ଖର୍ଚ୍ଚ ବହନ କରିବା ତାଙ୍କ ଦ୍ୱାରା ସମ୍ଭବ ହୋଇ ପାରୁନାହିଁ। ସରକାର ଓ କୌଣସି ବଦାନ୍ୟ ବ୍ୟକ୍ତିଙ୍କ ତରଫରୁ ଆଉ କିଛି ସହାୟତା ମିଳିପାରିଲେ ରାଜେଶ ସୁସ୍ଥ ହୋଇ ପାରନ୍ତେ ବୋଲି ମା' ନିବେଦନ କରିଛନ୍ତି। ସୂଚନା ଅନୁସାରେ, ରାଜେଶ ସାଧାରଣ ଜ୍ୱରରେ ଆକ୍ରାନ୍ତ ହେବା ପରେ ଚିକିତ୍ସାଧୀନ ଥିଲେ। ତେବେ ସେ ଚିକିତ୍ସାରେ ବ୍ୟବହାର କରୁଥିବା ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ହେବାରୁ ତାଙ୍କୁ ପ୍ରଥମେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁ ଭବନ କଟକରେ ଭର୍ତ୍ତି କରାଯାଇଛି। ସେଠାରେ ଏବେ ସେ ଚିକିତ୍ସାଧୀନ ଅଛନ୍ତି।


ରାଜେଶ

## ନିରାଡ଼ମ୍ବରରେ ହେଲା ଲକ୍ଷ୍ମୀବରାହଙ୍କ ଜନ୍ମୋତ୍ସବ

ଆଳି,୨୪।୨(ଡି.ଏନ.ଏ.)

ଆଳିର ଆରାଧ୍ୟ ଦେବତା ଶ୍ରୀଲକ୍ଷ୍ମୀ ବରାହଜୀଉଙ୍କ ଜନ୍ମ ମହୋତ୍ସବ ବୁଧବାର ପାରମ୍ପରିକ ରୀତିରେ ପାଳିତ ହୋଇଛି। ଆଳି ମହୋତ୍ସବ ଭାବେ ନାମିତ ଠାକୁରଙ୍କ ଜନ୍ମୋତ୍ସବ(ବରାହଦ୍ୱାଦଶୀ)କୁ ଧୁମଧାମରେ ପାଳନ କରାଯାଏ। ଚଳିତ ବର୍ଷ କରୋନା ଯୋଗୁ ନିରାଡମ୍ବର ଭାବେ ପାଳିତ ହୋଇଛି। ପ୍ରାତଃ ୪ଟାରେ ମଙ୍ଗଳ ଆଳତି କରାଯାଇଥିଲା। ପରେ ଠାକୁର ରାଜାବେଶରେ ସଜ୍ଜିତ ହୋଇଥିଲେ। ଦିବା ୧୧ଟାରେ ବାଲ୍ୟଧୂପ କରାଯାଇଥିଲା। ବରାହଦ୍ୱାଦଶୀ ଦିନ ଯେଉଁ ବାଲ୍ୟଧୂପ କରାଯାଏ ତାହା ଜନ୍ମଧୂପ। ବର୍ଷରେ ଥରେ ଏହି ଧୂପ କରାଯାଏ ବୋଲି ପୂଜକମାନେ ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ସନ୍ଧ୍ୟାଧୂପ ଓ ରାତିରେ ପ୍ରସାଦ ଧୂପ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ପାଇଁ ଖିରି, ଲୁଚି, କାକରା, ମାଲପୁଆ ଆଦି ବହୁ ପ୍ରକାର ଭୋଗ ଲାଗି କରାଯାଇଥିଲା।

## ବ୍ୟାଙ୍କ ମିତ୍ର ଚୟନରେ ଅନିୟମିତତା

ରସୁଲପୁର,୨୪।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ସାମନ୍ତରାପୁର ଓ ଅତଲାପୁର ପଞ୍ଚାୟତ ପାଇଁ ବ୍ୟାଙ୍କ ମିତ୍ର ଚୟନରେ ଅନିୟମିତା ହୋଇଥିବା ସାମନ୍ତରାପୁର ସରପଞ୍ଚ ଅଭିମନ୍ୟୁ ମହାଳିକ ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏହାର ତଦନ୍ତ କରିବାକୁ ଏବିଡିଓ ଉପେନ୍ଦ୍ର ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି। ୨୨ତାରିଖରେ ବ୍ୟାଙ୍କ ମିତ୍ର ଚୟନ ପ୍ରକ୍ରିୟା ସାମନ୍ତରାପୁର ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିଲା। ଉଭୟ ପଞ୍ଚାୟତରୁ ୫ଜଣ ମହିଳାଙ୍କୁ ଚୟନ ପାଇଁ ଏକ ମନୋନୟନ କମିଟି ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। କମିଟିରେ ସାମନ୍ତରାପୁର ପଞ୍ଚାୟତରୁ ୩ସଦସ୍ୟ ଥିବାବେଳେ ଅତଲାପୁର ପଞ୍ଚାୟତରୁ ୨ ସଦସ୍ୟ ଥିଲେ। ଚୟନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ଆବେଦନକାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯାଇ ନମ୍ବର ପ୍ରଦାନ କରାଯାଇଥିଲା। ହେଲେ କୌଣସି କାରଣ ନ ଦର୍ଶାଇ ହଠାତ୍ ସମାନ୍ତରାପୁରର ୩ ଚୟନ କମିଟି ସଦସ୍ୟ ଉଠି ପଳାଇଥିଲେ। ଚୟନ କମିଟି ୩ ସଦସ୍ୟଙ୍କ ଅନୁପସ୍ଥିତିରେ ବ୍ଲକ ପ୍ରକଳ୍ପ ପରିଚାଳିକା ସୁପ୍ରଭା ଜେନା ଚୟନ ପ୍ରକ୍ରିୟାକୁ ଆଗେଇ ନେଇଥିଲେ। ତେବେ ସେ ଲାଞ୍ଚ ନେଇ ଏଭଳି କରିଛନ୍ତି ବୋଲି ସରପଞ୍ଚ ମହାଳିକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପରିଚାଳିକା ଓଲଟି ସରପଞ୍ଚଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ସରପଞ୍ଚ ନିଜ ସମ୍ପର୍କୀୟଙ୍କୁ ବ୍ୟାଙ୍କ ମିତ୍ର ରଖିବାକୁ ତାଙ୍କ ଉପରେ ଚାପ ପକାଇଥିଲେ। ମାତ୍ର ତାଙ୍କ ସମ୍ପର୍କୀୟଙ୍କ କମ୍ ନମ୍ବର ଥିବା ଜାଣି ସେ ଏଭଳି ଅଡୁଆ ପରିସ୍ଥିତି ଉପୁଯାଇଛନ୍ତି। ଚୟନ ପ୍ରକ୍ରିୟାର ସମସ୍ତ ରିପୋର୍ଟ ସେ ବ୍ଲକରେ ଦାଖଲ କରିଛନ୍ତି। ଏହାକୁ ଏବିଡିଓଙ୍କ ପକ୍ଷରୁ ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଏବିଡିଓ ଯାହା ପଦକ୍ଷେପ ନେବେ ବୋଲି ଜେନା ମତ ରଖିଛନ୍ତି। ଏଠାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ହରିପୁର ଶାଖା ପାଇଁ ବ୍ୟାଙ୍କ ମିତ୍ର ଚୟନ କରାଯାଉଥିଲା। ଉକ୍ତ ଚୟନରେ ବ୍ୟାଙ୍କର କେତେଜଣ କର୍ମଚାରୀ ଉପସ୍ଥିତ ଥିବା ଜଣାପଡ଼ିଛି।

## ପଥରଖଣି ନିଲାମକୁ ବିରୋଧ

ଭାପୁର/ ଖଣ୍ଡପଡ଼ା,୨୪।୨ (ଡି.ଏନ୍.ଏ./ସ୍ୱ.ପ୍ର.)

ନୟାଗଡ ଜିଲା ଭାପୁର ତହସିଲ ଅଧୀନ ମାରଡା ପଥରଖଣି ନିଲାମକୁ ବିରୋଧ କରି ୩ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭାପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦେଇଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସୂଚନା ଅନୁଯାୟୀ, ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦର ମାରଡା ପାହାଡରେ ଥିବା ପଥରଖଣିର ନିଲାମକୁ କେନ୍ଦୁପଲ୍ଲୀ, ମାରଡା ଓ ହନୁମନ୍ତପ୍ରସାଦ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ପଥରଖଣିରେ ବ୍ଲାଷ୍ଟିଂ ଯୋଗୁ ମାରଡା ଗ୍ରାମରେ ଥିବା ଲୋକଙ୍କ ଘରେ ଫାଟ ସୃଷ୍ଟି ହେବ। ରାସ୍ତାରେ ଯାଉଥିବା ଲୋକେ ଓ ବିଲରେ କାମ କରୁଥିବା ଚାଷୀମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ଗ୍ରାମବାସୀ କହିଛନ୍ତି। ବୁଧବାର ଟେଣ୍ଡର ଖୋଲା ଯିବାର ବ୍ୟବସ୍ଥା ରହିଥିବାରୁ ଏହାକୁ ବିରୋଧ କରି ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ଫତେଗଡ ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚିଥିଲେ। ତହସିଲଦାର ତୃପ୍ତି ମହାନ୍ତି, ଆଇଆଇସି ଓ ୩ ଗ୍ରାମର ମୁଖିଆ ଆଲୋଚନା କରିଥିଲେ। ଟେଣ୍ଡର ବାତିଲ ନ ହେଲେ ଗ୍ରାମବାସୀ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଥିଲେ। ଉକ୍ତ ଟେଣ୍ଡର ଖୋଲା ଯିବନାହିଁ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବାକୁ ତହସିଲଦାର ମହାନ୍ତି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ।

## ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ


ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ରସୁଲପୁର,୨୪।୨(ଡିଏନଏ)

ରସୁଲପୁର ବ୍ଲକ ଅଞ୍ଚଳର ବ୍ୟବସାୟିକ ପ୍ରାଣକେନ୍ଦ୍ର କୁଆଖିଆ ବଜାର ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଜିଲା ପ୍ରଶାସନ, ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ମେଳାର ଉଦ୍‌ଘାଟନୀ ଉତ୍ସବରେ ଜିଲା ସୂଚନା ଲୋକ ଓ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରସୁଲପୁର ବିଡିଓ ଉମାକାନ୍ତ ପରିଡା, ଜିଲା ହସ୍ତଶିଳ୍ପ ବିଭାଗ ସାଧାରଣ ପରିଚାଳକ ବିପିନ ଦେହୁରୀ, ସହ ନିର୍ଦ୍ଦେଶକ ପ୍ରଭାତ ମିଶ୍ର, ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତି, ରମାକାନ୍ତ ବେହେରା, ହସ୍ତଶିଳ୍ପୀ ମହେଶ୍ୱର ଓଝା, ହସ୍ତଶିଳ୍ପ କାରିଗର ବ୍ରହ୍ମାନନ୍ଦ ମହାରଣା, ଟେରାକୋଟା ଶିଳ୍ପୀ ପର୍ଶୁରାମ ବେହେରା ଏବଂ ଓଡ଼ିଶା ବୁଣାକାର ମହାସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଅତିଥି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିଥିଲେ।

**ପ୍ରଦର୍ଶନୀରେ ୧୨୦ ଷ୍ଟଲ**

ପ୍ରଦର୍ଶନୀରେ ୧୨୦ ଷ୍ଟଲ ସ୍ଥାନ ପାଇଛି। ଏଥିରେ ଜିଲାର ୯୦ଟି ଷ୍ଟଲ ଖୋଲା ଯାଇଥିବା ବେଳେ ଜିଲା ବାହାରୁ ୩୦ଟି ଷ୍ଟଲ ସ୍ଥାନିତ ହୋଇଛି। ଷ୍ଟଲଗୁଡ଼ିକ ମଧ୍ୟରେ ଚାନ୍ଦୁଆ, ପଥର ମୂର୍ତ୍ତି, କାଠର ହସ୍ତକାରିଗରୀ, ଟେରାକୋଟା, ଜରିମାଳି କାମ, କାଇଁଚ କାମ, ତାଳିପକା କାମ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ଝୋଟ କାମ, ବାନ୍ଧଶାଢ଼ି, ଶିଙ୍ଘକାମ, ଶାମୁକାକାମ, ଧାନରେ ତିଆରୀ କାମ, ନରମ କଣ୍ଢେଇ, ନଡ଼ିଆକତା କାମ, ବେତ ଓ ବାଉଁଶ କାମ ଭଳି ଅନେକ ହସ୍ତକଳାର ଚମକକୁ ଦେଖି ଅତିଥି ଖୁସି ପ୍ରକଟ କରିଛନ୍ତି।

## ମା' ବିରଜାଙ୍କ ହୁଣ୍ଡିରୁ ମିଳିଲା ୪.୦୫ ଲକ୍ଷ

ଯାଜପୁର ଟାଉନ,୨୪।୨(ଡି.ଏନ.ଏ.)

ମା' ବିରଜାଙ୍କ ମନ୍ଦିରର ୩ ହୁଣ୍ଡିକୁ ବୁଧବାର ଖୋଲାଯାଇଥିଲା। ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଜ୍ୟୋତିଶଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଏଥିରୁ ୪ଲକ୍ଷ ୫ହଜାର ୯ଶହ ଟଙ୍କା ଦାନ ଆକାରରେ ପ୍ରାପ୍ତ ହୋଇଛି ବୋଲି ଟ୍ରଷ୍ଟବୋର୍ଡ ସଦସ୍ୟ ଅନୁପ ବେହେରା ସୂଚନା ଦେଇଛନ୍ତି। ଗଣତି ସମୟରେ ଅନ୍ୟତମ ଟ୍ରଷ୍ଟବୋର୍ଡ ତଥା ଯାଜପୁର ତହସିଲଦାର ସୁଶାନ୍ତ ପତି, ଦେବୀ ପାଣି, ଗୁରୁଚରଣ ମହାରଣା ଓ ଅରବିନ୍ଦ କର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦୁଗ୍ଧଜାତୀୟ ଦ୍ରବ୍ୟ ପ୍ରସ୍ତୁତି ତାଲିମ


ତାଲିମ ଶିବିରରେ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଓ ଅନ୍ୟମାନେ।

ଧର୍ମଶାଳା,୨୪।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ କଣିପାଟିଆଠାରେ ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ଦୁଗ୍ଧ ଜାତୀୟ ଦ୍ରବ୍ୟ ପ୍ରସ୍ତୁତି ନିମନ୍ତେ ଏକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଧର୍ମଶାଳା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ରଞ୍ଜନ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ପ୍ରାଣୀଧନ ଚିକିତ୍ସକ ଡା. ସୁବାସ ଚନ୍ଦ୍ର ଜେନା, ଡା. ନିବେଦିତା ସାହୁ, ଏଲ୍ଆଇ ପ୍ରଫୁଲ୍ଲ କୁମାର ମହାନ୍ତି, ଗୋମିତ୍ର ଅମୂଲ୍ୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ୩ ସ୍ୱୟଂସହାୟକ ଗୋଷ୍ଠୀର ୨୦ଜଣ ସଦସ୍ୟଙ୍କୁ ତାଲିମ ପ୍ରଦାନ କରିଥିଲେ। ଗୋରୁ କିଭଳି ସୁସ୍ଥ ରହିବେ, ଫାଟୁଆ ରୋଗ ଓ ତାର ନିରାକରଣ, ଅଧିକ ଦୁଗ୍ଧ ଉତ୍ପାଦନ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଫାଟୁଆ ରୋଗ ଏକ ଭୁତାଣୁ ଜନିତ ରୋଗ। ଏହି ରୋଗରେ ଆକ୍ରାନ୍ତ ପଶୁଙ୍କ ପାଟିରୁ ଲାଳ ବାହାରିବା, ଫେଣ ବାହାରିବା, ଖାଦ୍ୟ ଗ୍ରହଣ ନ କରିବା, ଜିଭ, ଦାନ୍ତମାଡି, ଫୋଟକା ହେବା, ଘାଆ ହେବା, ଗୋଡ଼ ଛୋଟେଇବା, ଖୁରା ଭିତରେ ଘାଆ ହେବା, ଦୁଗ୍ଧ ଉତ୍ପାଦନ କମିଯିବାର ଲକ୍ଷଣ ଦେଖାଦେଇଥାଏ। ଫାଟୁଆ ରୋଗ ହେଉଥିବା ଗୋରୁଙ୍କ ବନ୍ଧା ସ୍ଥାନକୁ ସତକଡ଼ା ୫ ପ୍ରତିଶତ ଖାଇବା ଶୋଡ଼ାରେ ବିଶୋଧନ କରିବା ଓ ୬ମାସ ବ୍ୟବଧାନରେ ଟିକାକରଣ କରିବା ବିଧେୟକ ବୋଲି ଡାକ୍ତର ସେଠୀ ଶିବିରାର୍ଥୀଙ୍କୁ ସୂଚନା ଦେଇଥିଲେ।

## ଛାତ୍ରୀଛାତ୍ର ରାଷ୍ଟ୍ର ସେବାରେ ବ୍ରତୀ ହୁଅନ୍ତୁ

ରସୁଲପୁର,୨୪।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ମୁଗୁପାଳ ପଞ୍ଚାୟତର ସ୍ୱେଚ୍ଛାସେବୀ ସଙ୍ଗଠନ ରୋଜାଲିନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମୁଗୁପାଳ ଉଚ୍ଚ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ସାଧାରଣ ଜ୍ଞାନ ଓ ଜ୍ଞାନାଲୋକ ପୁସ୍ତକ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟ ପରିଚାଳନା ଟ୍ରଷ୍ଟି ରୋଜାଲିନ ମହାପାତ୍ର ଯୋଗଦେଇ ପୁସ୍ତକ ବଣ୍ଟନ କରିବା ସହିତ ଛାତ୍ରୀଛାତ୍ର ସମାଜ ଓ ରାଷ୍ଟ୍ର ସେବା ପାଇଁ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ନେହମୟୀ ଜେନା, ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଦାଶ, ଶିକ୍ଷକ ଅବିନାଶ ଆଏଚ, ବିଷ୍ଣୁଚରଣ ସାହୁ, ଅର୍ଚ୍ଚନା ପଣ୍ଡା, କାଳନ୍ଦୀ କଣ୍ଡ ଓ ବିଷ୍ଣୁ ଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟ୍ରଷ୍ଟ ପକ୍ଷରୁ ସୂର୍ଯ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଜ୍ଞାନାଲୋକ ପୁସ୍ତକ ବଣ୍ଟନ କରାଯାଇଛି। ଏଥିରେ ପ୍ରଧାନଶିକ୍ଷକ ବୃନ୍ଦାବନ ପୃଷ୍ଟି, ଶିକ୍ଷକ ସନ୍ତୋଷ ପଲେଇ, ଗୁରୁଚରଣ ସାହୁ ଓ ମାଳତୀଲତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ପଦଯାତ୍ରା


ବୃତ୍ତଙ୍ଗ ଜଳସେଚନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାହାରିଥିବା ପଦଯାତ୍ରା।

ଦଶପଲ୍ଲା,୨୪।୨(ଡି.ଏନ.ଏ.)

ପୂର୍ବ ଘୋଷଣା ଅନୁଯାୟୀ ବୁଧବାର ବୃତ୍ତଙ୍ଗ ଜଳସେଚନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଶ୍ରୀମହାବୀରଙ୍କ ମନ୍ଦିର ସମ୍ମୁଖରୁ ପଦଯାତ୍ରା ଆରମ୍ଭ ହୋଇଛି। ବୁଧବାର ପଦଯାତ୍ରା ନୂଆଗାଁ ବ୍ଲକ୍ ମହିପୁରରେ ପହଞ୍ଚିଛି। ଗୁରୁବାର ଏହି ପଦଯାତ୍ରା ନୟାଗଡରେ ପହଞ୍ଚିବ। କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ପଦଯାତ୍ରାରେ କମିଟିର ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ବେଣୁଧର ନାୟକ, ବରିଷ୍ଠ ନେତା ବିଶ୍ୱନାଥ ନାୟକ, ବିନୋଦିନୀ ମହାନ୍ତି, ଶରତ ବେହେରା, ଉମାରାଣୀ ପାଣି, ନାରାୟଣ ସାହୁ, ଗଣେଶ୍ୱର ନାୟକ,ଗୁଣ୍ଡିଚା ଲେଙ୍କା ପ୍ରମୁଖ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ୨।୬।୨୦୦୬ରୁ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ସେହି କାମ ଆଗକୁ ଯାଇ ପାରିନାହିଁ। ଜଙ୍ଗଲ ବିଭାଗର ସମସ୍ତ ନୀତି ନିୟମକୁ ପୂରଣ କରାଯାଇଛି। ପ୍ରକଳ୍ପ ପାଇଁ ୧୯୮କୋଟି ୮୪ଲକ୍ଷ ୮୯ହଜାର ୭୨୨ଟଙ୍କା ମଞ୍ଜୁର ହୋଇଛି। ଅପରପକ୍ଷେ ଆଗ ଥଇଥାନ କରି କ୍ଷତିପୂରଣ ଦିଅ ତା'ପରେ ପ୍ରକଳ୍ପ କାମ ଆରମ୍ଭ କର ବୋଲି ବିସ୍ଥାପିତମାନେ କହିଛନ୍ତି। ଏସମସ୍ତ ଦାବି ନେଇ କ୍ରିୟାନୁଷ୍ଠାନ କମିଟି ରାଜ୍ୟପାଳଙ୍କୁ ଅବଗତ କରିବ ବୋଲି ଜଣାପଡିଛି।

## ଗୋବରୀ ନଦୀରୁ ମିଳିଲା ଯୁବତୀଙ୍କ ମୃତଦେହ

**କୁମ୍ଭୀର ଟାଣି ନେଇଥିବା ସନ୍ଦେହ**



ପଟ୍ଟାମୁଣ୍ଡାଇ,୨୪।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ କଇଁକୂଳା ଗାଁର ଅଭିରାମ ଲେଙ୍କାଙ୍କ ଝିଅ ଇତିଶ୍ରୀ(୨୧) ମଙ୍ଗଳବାର ସକାଳେ ଗୋବରୀ ନଦୀକୁ ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ମା' ବାସନ୍ତୀ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା। ନଦୀ କୂଳରେ ଇତିଶ୍ରୀଙ୍କ ଚଦର ଓ ବାଲ୍ଟି ରହିଥିଲା। ଏହାକୁ ଦେଖି ଇତିଶ୍ରୀଙ୍କୁ କୁମ୍ଭୀର ଟାଣି ନେଇଥିବା ଗ୍ରାମବାସୀ ଆଶଙ୍କା କରିଥିଲେ। ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ର କର୍ମଚାରୀ ଓ ଗାଁ ଲୋକେ ଦେଶୀ ଡଙ୍ଗାରେ ନଦୀର ବିଭିନ୍ନ ସ୍ଥାନ ଖୋଜିବା ପରେ ମଙ୍ଗଳବାର ଅପରାହ୍ଣରେ ଇତିଶ୍ରୀଙ୍କ ମୃତଦେହ ମିଳିଛି। ତାଙ୍କ ଗୋଡ, ପିଠିରେ ଖଣ୍ଡିଆ ହୋଇଥିବାରୁ କୁମ୍ଭୀର ତାଙ୍କୁ ନଦୀକୁ ଟାଣି ନେଇଥିବା ଲୋକେ ସନ୍ଦେହ କରୁଛନ୍ତି। ଗୋବରୀ ନଦୀରେ ବଡ ବଡଲା କୁମ୍ଭୀର ରହିଥିବା ଲୋକେ କହିଛନ୍ତି। ବୁଧବାର ଇତିଶ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ୨ ବଖରା ପୋଡ଼ିଗଲା

ଏରସମା,(ସ୍ୱ.ପ୍ର.): ଏରସମା ତହସିଲ ଅନ୍ତର୍ଗତ ପୋଖରିଆପଡା ପଞ୍ଚାୟତ ଆସରଣା ଗାଁର ପ୍ରଶାନ୍ତ ମଲିକ ଓ ଅରକ୍ଷିତ ମଲିକଙ୍କ ୨ ବଖରା ବୁଧବାର ଅପରାହ୍ଣରେ ନିଆଁ ଲାଗି ପୋଡିଯାଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ଖବରପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୁଇଜଣଙ୍କ ଘରର ଆସବାବପତ୍ର ସହ ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡିନାହିଁ।

## ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା
- ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ- ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ- ପୂର୍ବାହ୍ନ ୭ଟା

## ସଂକ୍ଷେପରେ

### ଉପନିର୍ବାଚନ: ୭୨ ପ୍ରତିଶତ ମତଦାନ
#### ଆଜି ଗଣତି, ଫଳାଫଳ ଘୋଷଣା

ଖଣ୍ଡପଡ଼ା,୨୪।୨(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ ରୟତଡୋଲମରା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ବୁଧବାର ଶେଷ ହୋଇଛି। ଏହି ନିର୍ବାଚନରେ ୭୨ ପ୍ରତିଶତ ମତଦାନ ହୋଇଛି। ୩୯୨୫ ଜଣ ମତଦାତାଙ୍କ ମଧ୍ୟରୁ ୨୮୫୪ ଜଣ ଭୋଟ ଦେଇଛନ୍ତି। ସେଥିମଧ୍ୟରୁ ୧୪୬୦ଜଣ ମହିଳା ଭୋଟର ମତଦାନ କରିଥିବା ବେଳେ ପୁରୁଷ ମତଦାତାଙ୍କ ସଂଖ୍ୟା ୧୩୯୪। ୫ନଂ. ବୁଥରେ ସର୍ବାଧିକ ୨୩୬ ଜଣ ଭୋଟ ଦେଇଥିବା ବେଳେ ୧୩ନଂ. ବୁଥରେ ସର୍ବନିମ୍ନ ୯୯ ଜଣ ଭୋଟ ଦେଇଥିବା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନୀତ ବଡସେଠ କହିଛନ୍ତି। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୧୮ଟି ବୁଥରେ ଭୋଟଗ୍ରହଣ କରାଯାଇଛି। ନୟାଗଡ ଉପଜିଲାପାଳ ଲଗ୍ନଜିତ ରାଉତ, ସବ୍‌ଡିଭିଜିନାଲ ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତିଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ। ଭୋଟ ଗ୍ରହଣ ଶେଷ ପରେ ଭୋଟ ବାକ୍ସଗୁଡିକୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବ୍ଲକ ପରିସରରେ ଥିବା ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ଗୁରୁବାର ସକାଳ ୮ଟାରୁ ଭୋଟ ଗଣତି ହେବା ସହ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

### ଉନ୍ନୟନ କାମ ପ୍ରତି ଗୁରୁତ୍ୱ

ଦଶପଲ୍ଲା,୨୪।୨(ଡି.ଏନ୍.ଏ.): ବହୁଦିନରୁ ଖାଲି ପଡ଼ିଥିବା ଦଶପଲ୍ଲା ଏନ୍‌ଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦେବବ୍ରତ କର ସୋମବାର ଯୋଗ ଦେଇଛନ୍ତି। ଦଶପଲ୍ଲା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ କର ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏନ୍‌ଏସିର ଉନ୍ନୟନ କାମ ପ୍ରତି ମୁଁ ଗୁରୁତ୍ୱ ଦେବି। ଜନସାଧାରଣଙ୍କ ସହଯୋଗ ମିଳିଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

### ଦାସକାଠିଆରେ ଯକ୍ଷ୍ମା ସଚେତନତା

ନୟାଗଡ଼ ଅଫିସ,୨୪।୨: ନୟାଗଡ ବ୍ଲକର ଶଙ୍ଖେଇରେ ଦାସକାଠିଆ ମାଧମରେ ଯକ୍ଷ୍ମା ସଚେତନତା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଯକ୍ଷ୍ମାରୋଗର ଭୟାବହତା ଓ ଏଥିରୁ ମୁକ୍ତି ପାଇଁ ସରକାରଙ୍କ ବିଭିନ୍ନ ସେବା ସଂକ୍ରାନ୍ତରେ ଏଥିରେ ବର୍ଣ୍ଣନା କରାଯାଇଛି । ଗୋପାଳ ସିଠ ଓ ସହଯୋଗୀଙ୍କ ଦ୍ୱାରା ଦାସକାଠିଆ ପରିବେଷଣ ହୋଇଥିଲା । ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା, ଆୟୁଷ ମେଡିକାଲ ଅଫିସର ଡାକ୍ତର ହିମାଂଶୁ ବେହେରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

### ନିଆଁ ଲାଗି ୧୦ ବଖରା ଭସ୍ମୀଭୂତ

ମହାକାଳପଡା,୨୪।୨(ଡି.ଏନ.ଏ.): ମହାକାଳପଡା ବ୍ଲକ ଅଧୀନ ରଜଗଡ ପଞ୍ଚାୟତ ଗୟାସପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୮ ପରିବାରର ୧୦ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ନିଆଁ ପ୍ରକୋପରେ ୨ ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୨ ବାଛୁରି ଆହତ ହୋଇଛନ୍ତି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏପରି ଘଟିଥିବା କୁହାଯାଇଛି। ମହାକାଳପଡ଼ା,ମାର୍ଶାଘାଇ, ଓ କେନ୍ଦ୍ରାପଡା ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନି ବିପନ୍ନ ବିଜୟ ସେଠୀ,ଗୁରୁ ଚରଣ ସେଠୀ, କାର୍ତ୍ତିକ ସେଠୀ,ଗଣେଶ ସେଠୀ, କାଳନ୍ଦୀ ସେଠୀ,ଅଲେଖ ରାଉତ,ସୁବାସ ରାଉତ,ଗୋବିନ୍ଦ ରାଉତଙ୍କ ପରିବାର ଖୋଲା ଆକାଶ ତଳେ ପଡି ରହିଛନ୍ତି। ସ୍ଥାନୀୟ ସରପଞ୍ଚ ପଦ୍ମନାଭ ପ୍ରତିହାରୀ ଓ ଆତ୍ମା ଅଧ୍ୟକ୍ଷ ଅଶୋକ ମହାପାତ୍ର ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଛନ୍ତି। ରାଜସ୍ୱ ବିଭାଗ ଅଧିକାରୀମାନେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

# ଆତ୍ମହତ୍ୟା ଉଦ୍ୟମରୁ ନିବୃତ୍ତ ହେଲେ ଅନଶନକାରୀ

କେନ୍ଦ୍ରାପଡ଼ା ଅଫିସ,୨୪।୨



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ନାରାୟଣଙ୍କ ପରିବାର ।

- ୨ ଲକ୍ଷ ଟଙ୍କାର ଜମି ପାଇଁ ୪୦ ଲକ୍ଷ ଖର୍ଚ୍ଚ
- ଜମିଜମା ବିବାଦ ପାଇଁ ବହୁ ପରିବାର ହନ୍ତସନ୍ତ
- ୫ ବର୍ଷ ପୂର୍ବର ମାମଲା ସଂଖ୍ୟା ୨୦ ହଜାରରୁ ଅଧିକ

ବୁଧବାର ମଧ୍ୟାହ୍ନର ଘଟଣା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମିଜମା ବିବାଦକୁ ନେଇ ଅନଶନରତ ପରିବାରଙ୍କଠାରୁ ଟାଉନ ଥାନା ପୋଲିସ ଏକ କିରୋସିନ ଜାର ଜବତ କରିଛି। ସେହି କିରୋସିନ ଦେହରେ ଢାଳି ନିଆଁ ଲଗାଇ ଆମ ପରିବାର ସଦସ୍ୟମାନେ ସାମୂହିକ ଭାବେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ନାରାୟଣ ଚନ୍ଦ୍ର ବାରିକ ପ୍ରକାଶ କରିଛନ୍ତି। ଏକ ଜମି ବିବାଦ ଦୀର୍ଘଦିନ ଧରି ସରକାରୀ ବାବୁଙ୍କ ଅବହେଳା ଯୋଗୁ ସମାଧାନ ହୋଇପାରୁନାହିଁ। ସେଥିପାଇଁ ପରିବାର ସଦସ୍ୟ ଏପରି ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି। ଏ କଥା ଜଣାପଡିବା ପରେ ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଜମିଜମା ବିବାଦ ପାଇଁ ବହୁ ପରିବାର ହନ୍ତସନ୍ତ ହେଉଛନ୍ତି। ଜିଲାରେ ୨୦ ହଜାରରୁ ଊର୍ଦ୍ଧ୍ୱ ମାମଲା ଗତ ୫ ବର୍ଷ ହେଲା ପଡି ରହିଛି ବୋଲି ଜଣାପଡିଛି। ଏ ସମ୍ପର୍କରେ ଅନଶନରତ ନାରାୟଣ କହିଛନ୍ତି, ୨ ଲକ୍ଷ ଟଙ୍କା ମୂଲ୍ୟର ୨ ଗୁଣ୍ଠ ଜମି ପାଇଁ ଇତିମଧ୍ୟରେ ପ୍ରାୟ ୪୦ ଲକ୍ଷ ଟଙ୍କା ନଷ୍ଟ ହୋଇଛି। ୨୦୦୭ରୁ ଆଜି ପର୍ଯ୍ୟନ୍ତ କୋର୍ଟ କଚେରିରେ ସମୟ କଟୁଛି। ଗ୍ରାମବାସୀଙ୍କ ସହିତ ବିବାଦ ବଢ଼ିଛି। ଏହା ସତ୍ତ୍ୱେ ସରକାରୀ ବାବୁଙ୍କ ପାଇଁ ଏହି ବିବାଦ ସମାଧାନ ହୋଇ ପାରିନାହିଁ। ତାଙ୍କ କହିବା ଅନୁଯାୟୀ, ଡେରାବିଶ ତହସିଲ ଅନ୍ତର୍ଗତ ବସୁପୁର ଗ୍ରାମରେ ତାଙ୍କର ୩ ଗୁଣ୍ଠ ୧ ଡିସିମିଲ ଘରବାଡି ଜମି ଅଛି। ୧୯୩୦ରେ ଏନେଇ ପୂର୍ବପୁରୁଷ ପଟ୍ଟା ପାଇଥିଲେ ମଧ୍ୟ ଜମିର ସୀମା ନିର୍ଦ୍ଧାରଣ ହୋଇପାରି ନାହିଁ। ପ୍ରଥମେ ତହସିଲରେ ଓ ପରେ ହାଇକୋର୍ଟରେ ଏନେଇ ମାମଲା ହୋଇଛି। ସୀମା ନିର୍ଦ୍ଧାରଣ ପାଇଁ ହାଇକୋର୍ଟଙ୍କ ଆଦେଶକୁ ତହସିଲ କର୍ତ୍ତୃପକ୍ଷ ୩ ଥର ଅଣଦେଖା କରିଛନ୍ତି।

୨୦୦୭ ପୂର୍ବରୁ ନାରାୟଣ ସୁରଟରେ କାମ କରି ମାସିକ ୧୫ ହଜାର ଟଙ୍କା ରୋଜଗାର କରୁଥିଲେ। ଏହି ଜମି ମାମଲା ପାଇଁ ସେ ଘରକୁ ଆସିଥିଲେ। ଆଉ ସେଠାକୁ ଯାଇନାହାନ୍ତି। ଏଥିପାଇଁ ସେ ବୃଦ୍ଧ ବାପାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ପାରିନାହାନ୍ତି। ୪ ପିଲାଙ୍କ ପାଠପଢ଼ା ପ୍ରତି ଅବହେଳା ହୋଇଛି। ସେ ପ୍ରାୟ ୪୦ ଲକ୍ଷ ଟଙ୍କାର ରୋଜଗାର ହରାଇଛନ୍ତି। ନିଜର ହକ୍ ସରକାରୀ ବାବୁଙ୍କ ଅବହେଳା ପାଇଁ ସେ ପାଉ ନ ଥିବା ପ୍ରତିବାଦରେ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ଥିଲେ ବୋଲି ସେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ଜମିର ସ୍ୱତ୍ୱ ନିର୍ଦ୍ଧାରଣ ପାଇଁ ସ୍ୱାମିତ୍ୱ ଯୋଜନାଠାରୁ ୫-ଟି ପର୍ଯ୍ୟନ୍ତ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏପରି କି ଘରେ ବସି ରାଜସ୍ୱ ବିଭାଗର ବହୁ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ହେଉଛି। ତେବେ ଏହି ଯୋଜନା ସରକାରୀ ବାବୁଙ୍କ ଅବହେଳାରୁ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଫଳରେ ପ୍ରତି ଗ୍ରାମରେ ଜମି ବିବାଦକୁ କେନ୍ଦ୍ର କରି ଆଇନଶୃଙ୍ଖଳା ସୃଷ୍ଟି ସହ ପରିବାର ସଦସ୍ୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହେଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମାମଲା ଶେଷ କରିବା ପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଆବଶ୍ୟକ ସଂଖ୍ୟକ କୋର୍ଟ ଖୋଲିବା ସହ ଜଜ୍‌ଙ୍କ ନିଯୁକ୍ତି ଆବଶ୍ୟକ। ଡିସେମ୍ବର ୨୦୨୦ ସୁଦ୍ଧା ଜିଲାରେ ୪୯,୪୮୪ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୫ ବର୍ଷ ହେବ ୨୦,୮୪୨ଟି ମାମଲା ପଡିରହିଛି। ବିଳମ୍ବିତ ନ୍ୟାୟ ପାଇଁ ବହୁ ହିତାଧିକାରୀ ବହୁବିଧ ଯୋଜନାରୁ ବଞ୍ଚିତ ହେଉଥିବା ସେ କହିଛନ୍ତି। ନାରାୟଣଙ୍କ ଜମି ସୀମା ନିର୍ଦ୍ଧାରଣ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଏ ସମ୍ପର୍କରେ ଡେରାବିଶ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ଏହାର ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିବା ସେ କହିଛନ୍ତି।

## ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷୋଭ




ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ରାପଡା ଅଫିସ, ୨୪।୨

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ରକୁ ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଜିଲା ଆବାହକ ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ କୃଷକଙ୍କ ପାଇଁ କଳା ଆଇନ ହୋଇଛି। ଏହାକୁ ପ୍ରତ୍ୟାହାର, ବିଦ୍ୟୁତ୍ ବିଲକୁ ରଦ୍ଦ କରିବା, ଦିଲ୍ଲୀରେ ଗିରଫ ହୋଇଥିବା କୃଷକ ନେତା ଓ କୃଷକଙ୍କୁ ମାମଲା ବିନା ଖଲାସ କରିବା, ଏମ୍‌ଏସ୍ ସ୍ୱାମୀନାଥନ କମିଶନ ସୁପାରିସ ଆଧାରରେ କୃଷି ଉତ୍ପାଦର ସହାୟକ ମୂଲ୍ୟ ପ୍ରଦାନ, ଧାନର ଅଭାବୀ ବିକ୍ରିକୁ ରୋକିବାକୁ ଦାବି ଉପସ୍ଥାପନ କରାଯାଇଛି। ବିକ୍ଷୋଭରେ କୃଷକ ନେତା ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଜଗଜ୍ଜୀବନ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

କୁଜଙ୍ଗ, ୨୪।୨ (ଡି.ଏନ.ଏ.)

ପାରାଦୀପ ଲକ୍ ଥାନା ଭୂତମୁଣ୍ଡାଇ ଗାଁର ପ୍ରମୋଦ ସେଠୀ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ବୁଧବାର ଅବକାରୀ ବିଭାଗ ଗିରଫ କରିଛି। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ସହ ୫ ହଜାର ଟଙ୍କା ଜବତ କରାଯାଇଛି। ବ୍ରାଉନସୁଗାରର ମୂଲ୍ୟ ଲକ୍ଷେ ଟଙ୍କା ହେବ। ପାରାଦୀପ ଅବକାରୀ ବିଭାଗର ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। ପ୍ରଥମେ ସାଧା ପୋଷାକରେ ଜଣେ କର୍ମଚାରୀ ପ୍ରମୋଦଙ୍କଠାରୁ ୫ ଶହ ଟଙ୍କାର ବ୍ରାଉନସୁଗାର କିଣିବା ବେଳେ ସେଠାରେ ଥିବା କର୍ମଚାରୀ ତାଙ୍କୁ ମାଡି ବସିଥିଲେ। ଏ ନେଇ ନଂ. ୬୭/୨୧ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଶାଳିଜଙ୍ଗା ମହିମା ମେଳା ବିନା ଶ୍ରଦ୍ଧାଳୁରେ ହେବ

ନାଉଗାଁ,୨୪।୨(ସ୍ୱ.ପ୍ର)

### ପ୍ରଶାସନ ପକ୍ଷରୁ ଉଠାଗଲା ଦୋକାନ



ଚଳିତବର୍ଷ କୋଭିଡ କଟକଣା ଯୋଗୁ କୌଣସି ଯାନିଯାତ୍ରାରେ ଜନସମାଗମ ନ ହେବା ପାଇଁ ସରକାରଙ୍କ ପକ୍ଷରୁ କଡା ନିର୍ଦ୍ଦେଶ ରହିଛି। ନାଉଗାଁ ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ଶାଳିଜଙ୍ଗା ମହିମା ମେଳା ବିନା ଶ୍ରଦ୍ଧାଳୁରେ ହେବ ବୋଲି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜନସମାଗମକୁ ରୋକିବାକୁ ମନ୍ଦିର ଚତୁଃପାର୍ଶ୍ୱରେ ପଡିଥିବା ଦୋକାନ, ବଜାରକୁ ବୁଧବାର ୪ ଟା ମଧରେ ଉଠାଇବା ନେବା ପାଇଁ ଥାନା ପକ୍ଷରୁ ଆଇଆଇସି ଭରତ କୁମାର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘବର୍ଷ ହେବ ମାଘ ଚତୁର୍ଦ୍ଦଶୀ ଦିନ ଶିଖର ପଞ୍ଚାୟତ ଶାଳିଜଙ୍ଗାଠାରେ ଥିବା ମହିମା ଆଶ୍ରମରେ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଥାଏ। ଏହି ମେଳାକୁ ୨ୟ ଯୋରନ୍ଦା ବୋଲି ମଧ ଅବିହିତ କରାଯାଏ। ମେଳା ପୂର୍ବରୁ ଆଶ୍ରମ ପରିସରରେ ବିଭିନ୍ନ ଆଡୁ ଦୋକାନୀ ଆସି ଦୋକାନ ବସାଇଥାନ୍ତି। ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କର ମେଳାରେ ସମାଗମ ହୋଇଥାଏ। ଏପରିକି ଶ୍ରଦ୍ଧାଳୁମାନେ ଅଖଣ୍ଡ ଧୁନି ଲଗାଇବା ସହ ପ୍ରସାଦ ସେବନ କରିଥାନ୍ତି। ଚଳିତବର୍ଷ ବିଭିନ୍ନ ସ୍ଥାନରୁ ଦୋକାନୀ ଆସି ଦୋକାନ ବସାଇ ଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦୋକାନ ଉଠାଇ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ନିୟମ ମୁତାବକ ଆଶ୍ରମ ପରିସରରେ ଧୁନି ଓ ଦୀପ ଲଗାଯିବ ବୋଲି ଆଇଆଇସି ବେହେରା କହିଛନ୍ତି।

## ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ଛାତ୍ର ସଂସଦ କାର୍ଯ୍ୟକରିବ

ପଟ୍ଟାମୁଣ୍ଡାଇ,୨୪।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସବୁପୁରାତନ ଶିକ୍ଷା ଅନୁଷ୍ଠାନ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ (ଏମ୍‌ଏନ୍ ହାଇସ୍କୁଲ) ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ମନୋନୀତ ହେବା ସହ ଏକ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି। ଉଚ୍ଚବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ଆଗାମୀଦିନରେ ଶିକ୍ଷା ଅନୁଷ୍ଠାନର ଉନ୍ନତି ପାଇଁ ଛାତ୍ର ସଂସଦ କାର୍ଯ୍ୟକରିବ ବୋଲି ମତପ୍ରକାଶ ପାଇଥିଲା। ଛାତ୍ର ସଂସଦ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ସମ୍ପାଦକ ଡ. ବୈଷ୍ଣବ ସିଂହ, ସନାତନ ବେଉରା, ବିଶ୍ୱନାଥ ଧଳ,ଆରାଧନା ଦାଶ, ସାହିତ୍ୟିକ ଡ.ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ପୁରାତନ ଛାତ୍ର ନୃସିଂହ ପ୍ରସାଦ ଚୌଧୁରୀ, ଅକ୍ଷୟ କୁମାର ବିଶ୍ୱାଳ ଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦର ନୂତନ କମିଟି ଗଠନ କରାଯାଇଥିଲା।

## ନଦୀବନ୍ଧ ସୁରକ୍ଷା କମିଟିର ଦାବି ପୂରଣ ହେବ

### ତୁମ୍ଭେଶ୍ୱରଠାରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ବନ୍ଦ ପ୍ରସଙ୍ଗ

ନାଉଗାଁ,୨୪।୨(ସ୍ୱ.ପ୍ର)

ନାଉଗାଁ ବ୍ଲକ ତୁମ୍ଭେଶ୍ୱରଠାରେ ଦେବୀନଦୀ ବନ୍ଧରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଦ୍ୱାରା ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଥିଲା। ଏହାକୁ ବିରୋଧ କରି ନଦୀ ବନ୍ଧ ସୁରକ୍ଷା କମିଟି ପକ୍ଷରୁ ନିର୍ମାଣ କାମକୁ ବନ୍ଦ କରାଯାଇଥିଲା। ପ୍ରକଳ୍ପ କାମ ପାଇଁ ପୁଣି ବୁଧବାର ଜିଲା, ବ୍ଲକ ପ୍ରଶାସନ ଓ ନଦୀ ବନ୍ଧ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନା କରାଯାଇଥିଲା। ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜଳ ସମ୍ପଦ ବିଭାଗର ଏସ୍‌ଡିଓ ଫକୀର ଚରଣ ସେଠୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଏସ୍‌ଡିଓ ତପନ ରାଉତ, ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ.କଳ୍ପନା, ନଦୀ ବନ୍ଧ ସୁରକ୍ଷା କମିଟି ପକ୍ଷରୁ ଅଶୋକ ସ୍ୱାଇଁ, ଆର୍ତ୍ତତ୍ରାଣ ଦାସ, ବିଚିତ୍ରାନନ୍ଦ ଲେଙ୍କା ଆଦି ଉପସ୍ଥିତ ଥିଲେ। ଆଲୋଚନା ଫଳ ସ୍ୱରୂପ ସଦସ୍ୟମାନଙ୍କ ପକ୍ଷରୁ ଦିଆଯାଇଥିବା ୩ ଦଫା ଦାବିଗୁଡିକ ଏପ୍ରିଲ ୧୫ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଦାବିଗୁଡିକ ହେଲା ନଦୀବନ୍ଧର ସୁରକ୍ଷା ପାଇଁ ପ୍ରଥମରୁ ୨ୟ ବୁରୁଜ ପର୍ଯ୍ୟନ୍ତ ନଦୀର ବେଡ ଲେଭୁଲରୁ ଏକ କଂକ୍ରିଟ ୱାଲ ନଦୀବନ୍ଧଠାରୁ ୫ ଫୁଟ ଉଚ୍ଚତାରେ ନିର୍ମାଣ କରାଯାଉ, ନଦୀର ଜଳସ୍ତର ବଜାୟ ରଖିବାକୁ ଆଡିବନ୍ଧ ନିର୍ମାଣ କରାଯାଉ, ବ୍ଲକର ସମସ୍ତ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦିଆଯାଉ। ସେହିପରି ନିର୍ମାଣ କରିବାକୁ ଥିବା ବ୍ୟାରେଜ ଉପରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ପରେ ଯାହା ନିଷ୍ପତ୍ତି ଗ୍ରହଣ କରାଯିବ। ଯଦି ଏପ୍ରିଲ ୧୫ ମଧ୍ୟରେ ଦାବି ମୁତାବକ କାମ ନ ହୁଏ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସୁରକ୍ଷା କମିଟି ପକ୍ଷରୁ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଜାନୁୟାରୀ ୧୧ରେ ପ୍ରଶାସନ ଓ ନଦୀ ବନ୍ଧ ସୁରକ୍ଷା କମିଟିର ସଦସ୍ୟଙ୍କ ସହ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନଦୀବନ୍ଧର ସୁରକ୍ଷା ପାଇଁ ଆଲୋଚନା ହୋଇଥିଲା। ପ୍ରକଳ୍ପ ନିର୍ମାଣ ଫଳରେ ବନ୍ଧରେ ଫାଟ ଦେଖାଦେଇଥିଲା। ପ୍ରଥମେ ବନ୍ଧର ସୁରକ୍ଷା ପାଇଁ ପ୍ରଶାସନିକ ଅଧିକାରୀ ଲିଖିତ ଭାବେ ପ୍ରତିଶ୍ରୁତି ଦେବା ପରେ ପ୍ରକଳ୍ପ କାମ ହେବ ବୋଲି କମିଟିର ସଦସ୍ୟ ପ୍ରସ୍ତାବ ରଖିଥିଲେ।



ମେଗା ପାନୀୟ ଜଳ ପ୍ରକଳ୍ପ କାମ ଲାଗି ପ୍ରଶାସନିକ ଅଧିକାରୀମାନେ ନଦୀବନ୍ଧ ସୁରକ୍ଷା କମିଟି ସହ ଆଲୋଚନା କରୁଛନ୍ତି।

## ଗଡ଼ିଲା ମୃତ୍ତିକା ପରୀକ୍ଷାଗାର ଗାଡ଼ି

ଜଗତ୍‌ସିଂହପୁର ଅଫିସ, ୨୪।୨

ଜଗତସିଂହପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଗାଡିକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶୁଭାରମ୍ଭ କରିଛନ୍ତି। ଜିଲାପାଳ କହିଥିଲେ, ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା। ଓଡ଼ିଶା ସରକାର ଓ ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍‌ର ମିଳିତ ସହାୟତାରେ ଆରମ୍ଭ ହୋଇଥିବା ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଜିଲାର କୃଷକଙ୍କୁ ସହାୟତା ପ୍ରଦାନ କରିବ। ଚାଷୀମାନଙ୍କର ମୃତ୍ତିକା ପରୀକ୍ଷା ସଂକ୍ରାନ୍ତ ଅଭାବ ଅସୁବିଧା ଓ ଗୁଣବତ୍ତା ପରୀକ୍ଷା ସହଜ ହେବ ବୋଲି କହିଥିଲେ । ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରରେ ମାଟିରେ ଥିବା ଜୈବିକ, ଅଙ୍ଗାରକାମ୍ଳ, ଫସ୍‌ଫରସ, ପଟାସ୍, ଲବଣାଂଶ ଓ ଅମ୍ଳତା ଓ କ୍ଷାରୀୟତା ପରୀକ୍ଷା କରାଯିବ। ମାଟିରେ ଥିବା ଅଣୁସାର ଯଥା-ବୋରନ୍, ଗନ୍ଧକ ଓ ଦସ୍ତା ପରିମାଣ ଜଣାପଡିବ। ମାଟିରେ କେଉଁ ଖାଦ୍ୟସାର କେତେ ପରିମାଣରେ ଅଛି ତାହା ଚାଷୀ ଜାଣିପାରିବେ। ସେହି ଅନୁସାରେ ସାର ପ୍ରୟୋଗ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯିବ। କାର୍ଯ୍ୟକ୍ରମରେ ଯୋଗଦେଇ ପିପିଏଲ୍‌ର ଉପମହାପ୍ରବନ୍ଧକ ବିଶ୍ୱଜିତ୍ ନନ୍ଦ କହିଥିଲେ, ଏହି ମାଟି ପରୀକ୍ଷା ଗାଡି ବିଭିନ୍ନ ଗାଁରେ ପହଞ୍ଚି କୃଷକମାନଙ୍କର ପାଖରୁ ତାଙ୍କ ଜମିର ନମୁନା ମାଟି ସଂଗ୍ରହ କରି ପରୀକ୍ଷା କରିବ। ପରୀକ୍ଷା ରିପୋର୍ଟ ଆଧାରରେ ସାର ପ୍ରୟୋଗ କରି ଚାଷୀମାନେ ମୃତ୍ତିକା ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଅଧିକ ଅମଳ ପାଇ ପାରିବେ। ବିନା ପଇସା ଖର୍ଚ୍ଚରେ ଚାଷୀଙ୍କୁ ଏହି ସୁବିଧା ମିଳିବ। ଏହାଦ୍ୱାରା ଚାଷୀ ମାଟି ସମ୍ପର୍କରେ ଜାଣିବା ପରେ ସାର ପ୍ରୟୋଗ କରି ଅଧିକା ଫସଲ ଅମଳ କରିପାରିବେ। ଏପରିକି ଚାଷୀ ୧ ଏକରରେ ୨ରୁ ୫ ହଜାର ଟଙ୍କାର ଫାଇଦା ପାଇବେ। କାର୍ଯ୍ୟକ୍ରମରେ ପିପିଏଲ୍‌ର କର୍ପୋରେଟ୍ ହେଡ୍ ସୁଧୀର ରଞ୍ଜନ ମିଶ୍ର, କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ମୃତ୍ତିକା ପରୀକ୍ଷା ଗାଡିକୁ ଉଦ୍‌ଘାଟନ କରୁଛନ୍ତି।

## କିଡ୍‌ନୀ ରୋଗାକ୍ରାନ୍ତ ବାଳକଙ୍କୁ ଅଣଦେଖା
## ମାନବାଧିକାର କମିଶନରଙ୍କୁ ଫେରାଦ

ନୟାଗଡ଼ ଅଫିସ,୨୪।୨

ନୟାଗଡ଼ ଜିଲା ଖଣ୍ଡପଡା ସହର ୮ ନଂ. ୱାର୍ଡ କୁମ୍ଭାରସାହିର ୧୧ ବର୍ଷର ବାଳକ ଶୋଭନ ମହାପାତ୍ରଙ୍କ ଡାହାଣପାର୍ଶ୍ୱ କିଡ୍‌ନୀ ନଷ୍ଟ ହୋଇଯାଇଛି। କିଡ୍‌ନୀ ରୋଗରେ ଆକ୍ରାନ୍ତ ଏହି ବାଳକଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜୁଛି। କଟକ ବଡ ମେଡିକାଲରେ ଶୋଭନଙ୍କ ଚିକିତ୍ସା ଚାଲିଥିବାବେଳେ ବାପା ବିନୋଦ ରେଡକ୍ରସରୁ ସହାୟତା ପାଇବା ପାଇଁ ଜିଲାପାଳଙ୍କୁ ୭ ତାରିଖରେ ଭେଟି ନିବେଦନ କରିଥିଲେ। ଏଯାବତ୍ ରେଡକ୍ରସରୁ ସହାୟତା ମିଳିଲା ନାହିଁ। ଏ ନେଇ ପୁରୀର ଜୟନ୍ତ କୁମାର ଦାସ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଫେରାଦ ହୋଇଥିଲେ। ରାଜ୍ୟ ମାନବାଧିକାର କମିଶନର ଏହାକୁ ଗ୍ରହଣ କରି ୪୨/୨୦୨୧ରେ ଡାଏରୀରେ ପଞ୍ଜୀକୃତ କରିଛନ୍ତି। ଏ ନେଇ ଦାସ କୁହନ୍ତି, କିଡ୍‌ନୀ ପରି ରୋଗରେ ଆକ୍ରାନ୍ତ ବାଳକଙ୍କୁ ରେଡକ୍ରସରୁ ସହାୟତା ମିଳିବ ନାହିଁ। ତେବେ ରେଡକ୍ରସର ଅର୍ଥ କେଉଁ ଥରେ ଖର୍ଚ୍ଚ ହେବ। ଲୋକ କାହିଁକି ରେଡକ୍ରସକୁ ଡୋନେଟ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଣୁ ସେ ରାଜ୍ୟ ମାନବାଧିକାର କମିଶନରଙ୍କୁ ଅବଗତ କରାଇ ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି। ନାବାଳକଙ୍କୁ ୨ ଲକ୍ଷ ଟଙ୍କା ସହାୟତା ମିଳିବା ପାଇଁ ଆବେଦନ କରିଥିବା କହିଛନ୍ତି।

## ପ୍ରହରାଜପୁର ଟିମ୍ ଚାମ୍ପିୟନ

ରାଜନଗର,୨୪।୨(ଡି.ଏନ.ଏ.)

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବାର୍ହାପୁର ସପ୍ତେଶ୍ୱର ମହାବିଦ୍ୟାଳୟ ଖେଳପଡିଆରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମଙ୍ଗରାଜପୁରର ଏନସିସି କ୍ରିକେଟ ଟିମ୍‌କୁ ୩ ଉଇକେଟରେ ହରାଇ ପ୍ରହରାଜପୁର ପରମେଶ୍ୱର କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଉତ୍ସବରେ ଅତିଥିମାନେ ଚମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

## ମୋବାଇଲ୍ ଚୋରିରେ ଝାଡ଼ଖଣ୍ଡ ଲିଙ୍କ୍

### ଜଣେ ଅଟକ

ଡେରାବିଶ,୨୪।୨(ସ୍ୱ.ପ୍ର.): ସ୍ଥାନୀୟ ଚାନ୍ଦୋଳ ବଜାର ଓ ହାଟରୁ କ୍ରମାଗତ ଭାବେ ମୋବାଇଲ୍ ଚୋରି ହେଉଥିବା ଅଭିଯୋଗ ହେଉଥିଲା। କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପଦ ମଡ଼କର ସପ୍ତାହକ ତଳେ ଚାନ୍ଦୋଳ ଫାଣ୍ଡି ଗସ୍ତରେ ଆସିଥିବା ବେଳେ ସ୍ଥାନୀୟ ଲୋକେ ଏ ସଂକ୍ରାନ୍ତରେ ତାଙ୍କୁ ଅବଗତ କରିଥିଲେ। ଏହାପରେ ପୋଲିସ ସାଧା ପୋଷାକରେ ହାଟ ବଜାରରେ ତୀକ୍ଷ୍ଣ ନଜର ରଖିଥିଲା। ବୁଧବାର ଜଣେ ମୋବାଇଲ୍ ଚୋର ଧରାପଡିଛନ୍ତି। ଏହି ଚୋରି ଘଟଣାର ଚେର ଝାଡଖଣ୍ଡକୁ ଲମ୍ବିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ନୂଆପଡ଼ା ଗ୍ରାମର ମହେଶ୍ୱର ଷଣ୍ଢ ଚାନ୍ଦୋଳ ହାଟରେ ସଉଦା କିଣୁଥିବା ବେଳେ ଜଣେ ନାବାଳକ ତାଙ୍କ ମୋବାଇଲ୍‌ଟିକୁ କୌଶଳ କ୍ରମେ ଚୋରି କରିବାକୁ ଚେଷ୍ଟା କରିଥିଲେ। ହେଲେ ମୋବାଇଲଟି ତଳେ ପଡ଼ିଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ନାବାଳକ ଧରାପଡିଥିଲେ। ସେହି ନାବାଳକଙ୍କ ଘର ଝାଡ଼ଖଣ୍ଡ ରାଜ୍ୟ ସାରରଗଞ୍ଜ ଜିଲା ତିନପା ଥାନା ଅନ୍ତର୍ଗତ ବୌମୁରୁ ଗ୍ରାମରେ। ପୋଲିସ ତାଙ୍କୁ ପଚାରଉଚୁରା ଜାରି ରଖିଛି। ଝାଡ଼ଖଣ୍ଡରୁ ଏକ ୧୫ ଜଣିଆ ଦଳ ଟ୍ରେନ୍‌ରେ ଆସି କଟକ ଷ୍ଟେଶନ୍‌ରେ ଓହ୍ଲାଇ କେନ୍ଦ୍ରାପଡ଼ାକୁ ଅଟୋରିକ୍ସାରେ ଯାଇଥାନ୍ତି। ସେମାନେ ବିଭିନ୍ନ ହାଟବଜାରରେ ରହି କୌଶଳକ୍ରମେ ଲୋକମାନଙ୍କଠାରୁ ଦାମି ମୋବାଇଲ୍ ଓ ପର୍ସ ଲୁଟ କରିଥାନ୍ତି। ରାଜୁ ନୁନିଆ ନାମକ ଜଣେ ବ୍ୟକ୍ତି ଏହି ଦଳର ମୁଖ୍ୟ ବୋଲି ନାବାଳକ ଜଣକ କହିଛନ୍ତି।

## ବ୍ରାହ୍ମଣୀ ସ୍ପରର ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ,୨୪।୨(ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର-ବାଲିପାଟଣା ବ୍ରାହ୍ମଣୀ ନଦୀ ପାର୍ଶ୍ୱରେ ୧୨କୋଟି ୬୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବ ସ୍ପରର ଶିଳାନ୍ୟାସ ବୁଧବାର ହୋଇଛି। କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନୀଳକଣ୍ଠପୁର ସରପଞ୍ଚ ନୀଳିମା ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ବେହେରା କହିଲେ, ନବୀନ ପଟ୍ଟନାୟକ ରାଜ୍ୟ ଶାସନ ଭାର ଗ୍ରହଣ କରିବା ପରେ ବନ୍ୟାବିପନ୍ନ ଟୀର ଅବହେଳିତ ଧୋୟାଅଞ୍ଚଳର ବିକାଶ ତ୍ୱରାନିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, କେନ୍ଦ୍ରାପଡା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶୀଷ ମହାନ୍ତି, ନୀଳକଣ୍ଠପୁର ପ୍ରାକ୍ତନ ସରପଞ୍ଚ ବୀରକିଶୋର ଦାସ ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

